## ସଂକ୍ଷେପରେ

### ପାରାପ୍ଲେଗିଆ ଆକ୍ରାନ୍ତଙ୍କୁ ହୁଇଲ୍‌ଚେୟାର ପ୍ରଦାନ



**ଢେଙ୍କାନାଳ ଅଫିସ, ୪।୮:** ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଗୁରୁବାର ହିନ୍ଦୋଳ ବ୍ଲକ ମାଳତୀମୁଣ୍ଡା ଗ୍ରାମର ଦିବ୍ୟାଙ୍ଗ ସନ୍ତୋଷ କୁମାର ସାହୁଙ୍କୁ ଜିଲାପାଳ ସରୋଜ କୁମାର ସେଠୀ ଏକ ହୁଇଲ୍‌ଚେୟାର ପ୍ରଦାନ କରିଛନ୍ତି। ସନ୍ତୋଷ ୩ବର୍ଷ ହେଲା ପାରାପ୍ଲେଗିଆ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଗତ ୧ ତାରିଖରେ ହିନ୍ଦୋଳରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଏକ ହୁଇଲ୍‌ଚେୟାର ଓ ଆର୍ଥିକ ସହାୟତା ପ୍ରଦାନ ପାଇଁ ସନ୍ତୋଷ ଜିଲାପାଳଙ୍କୁ ନିବେଦନ କରିଥିଲେ। ଶିବିରରେ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ତାଙ୍କୁ ୫ହଜାର ଟଙ୍କା ସହାୟତା ଦିଆଯାଇଥିବାବେଳେ ଗୁରୁବାର ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେ ୮୦% ଶାରୀରିକ ଭିନ୍ନକ୍ଷମ ହୋଇଥିବାରୁ ତାଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ମାସିକ ୭୦୦ ଟଙ୍କା ପ୍ରଦାନ କରାଯିବା ଲାଗି ପଦକ୍ଷେପ ନିଆଯାଉଛି ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖଣ୍ଟିଆ ସୂଚନା ଦେଇଛନ୍ତି।

### ୬୬ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଢେଙ୍କାନାଳ ଅଫିସ, ୪।୮:** ଢେଙ୍କାନାଳ ଜିଲା ଗଁଦିଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ରାଉତଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ବିଶ୍ୱନାଥ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ଅନନ୍ତ ଚରଣ ଶତପଥୀ, ସମ୍ପାଦକ ଛାୟାକାନ୍ତ ସାହୁ, ଉପସଭାପତି କେଶବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ମୋଟ ୬୬ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରିୟବ୍ରତ ପାତ୍ର, ଶିକ୍ଷକ ସଞ୍ଜୟ କୁମାର ଚରଣ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଆଚାର୍ଯ୍ୟ ଶାନ୍ତନୁ ନାୟକ, ଅଭୟ ନାୟକ, ନିଶାମଣି ସାହୁ, ଆଚାର୍ଯ୍ୟା ସୁନିତା ସାହୁ, ସୁପ୍ରିୟା ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଗଛ ବଞ୍ଚାଇ ରଖିବାକୁ ଆହ୍ୱାନ

**କାମାକ୍ଷାନଗର, ୪।୮ (ଡି.ଏନ୍.ଏ.)-** କାମାକ୍ଷାନଗର ବ୍ଲକ ଜନ୍ତାରିବୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷା ପ୍ରଜ୍ଞାପାରମିତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବନବିହାରୀ ସର୍ଦ୍ଦାର, ସମ୍ମାନିତ ଅତିଥି ଭାବେ ଉଦ୍ୟାନ ବିଭାଗ ସହାୟକ ନିର୍ଦ୍ଦେଶିକା ହିରଣ୍ମୟୀ ପ୍ରଧାନ ଯୋଗଦେଇଥିଲେ। କେବଳ ଗଛ ଲଗାଇଲେ ହେବନାହିଁ, ଯତ୍ନନେଇ ଏହାକୁ ବଞ୍ଚାଇ ରଖିବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇଂଲିଶ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ଓଡ଼ିଆ ଶିକ୍ଷକ ରଞ୍ଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲ ପରିବେଶକୁ ସବୁଜସୁନ୍ଦର କରିବା ପାଇଁ ଛାତ୍ରୀଛାତ୍ର ଶପଥ ନେଇଥିଲେ।

# ଜିଲା ଚିକିତ୍ସାଳୟରେ ଚିକିତ୍ସା ଢିଲା

**ଢେଙ୍କାନାଳ ଅଫିସ, ୪।୮**

ସାତ ମହଲା କୋଠା। ତଳେ ଛିଡ଼ାହେଲେ ନଭଶ୍ଚୁମ୍ବୀ ଅଟ୍ଟାଳିକାକୁ ଆଖିପାଉନି। ରୋଗୀ ଯେପରି ହାତପାଆନ୍ତାରେ ଗୁଣାତ୍ମକ ସେବା ପାଇପାରିବେ, ସେଥିଲାଗି କିଣାଯାଇଛି ଅତ୍ୟାଧୁନିକ ଉପକରଣ। ଏସବୁରେ ଖର୍ଚ୍ଚ ହୋଇଛି ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। କୋଠା ଅଛି, ସରଞ୍ଜାମ ବି ଅଛି। ହେଲେ ଚିକିତ୍ସା କରିବାକୁ ନାହାନ୍ତି ଡାକ୍ତର। ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଏଭଳି ଢିଲା ଅବସ୍ଥା ରୋଗୀଙ୍କ ଭରସା ଭାଙ୍ଗୁଥିବାବେଳେ ବଦନାମ ମୁଣ୍ଡାଉଛି ସ୍ୱାସ୍ଥ୍ୟ ବିଭାଗ।

ଶିଳ୍ପ ସମୃଦ୍ଧ ଢେଙ୍କାନାଳର ସ୍ୱାସ୍ଥ୍ୟସେବାର ମୁଖ୍ୟ ଅନୁଷ୍ଠାନ ଜିଲା ଚିକିତ୍ସାଳୟର ସ୍ୱାସ୍ଥ୍ୟ ବିଗିଡ଼ିଯାଇଛି। ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି ରୋଗୀସେବା। ଡାକ୍ତରଙ୍କ ପାଇଁ ଗଣ୍ଡାଗଣ୍ଡା ପ୍ରକୋଷ୍ଠ ଉପଲବ୍ଧ ଥିବାବେଳେ ଅଧିକାଂଶ ବନ୍ଦ। କାରଣ ମୋଟ୍ ୫୮ ଗୁରୁତ୍ୱପୂର୍ଣ୍ଣ ପଦବୀରୁ ୩୪ଟି ଖାଲି ପଡ଼ିଛି। ଷ୍ଟାଫ୍‌ନର୍ସ, ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟ ପଦପଦବୀରେ ସମାନ ସମସ୍ୟା ଲାଗି ରହିଛି। ଫଳରେ ଜିଲାବାସୀ ନିର୍ଭର କରୁଥିବା ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନାକୁ ଗୁରୁତର ଅବସ୍ଥାରେ ରୋଗୀ ଆସିଲେ କଟକ ରେଫର କରିଦିଆଯାଉଛି। ତେଣୁ ଜିଲା ଚିକିତ୍ସାଳୟ ଏବେ ରେଫେରାଲ ହସ୍ପିଟାଲ ପାଲଟିଛି ବୋଲି ବୁଦ୍ଧିଜୀବୀମାନେ କଟାକ୍ଷ କରୁଛନ୍ତି। ଅନ୍ୟପଟେ ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ହୋଇ ନ ପାରି ଅନେକ ମେଶିନ ଖରାପ ହୋଇଗଲାଣି। ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବା ଆଶଙ୍କା ଦେଖାଦେଇଛି।



- ୫୮ରୁ ୩୪ ଡାକ୍ତର ପଦବୀ ଖାଲି
- ରୋଗୀଙ୍କୁ ମିଳୁନି ଜରୁରୀ ସେବା
- ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ତୁଟୁଛି ଭରସା

ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ବଡ଼ ସମସ୍ୟା ପାଲଟିଥିବାବେଳେ ସେବା ନ ପାଇ ଅନେକ ସମୟରେ ଆଖି ବୁଜୁଛନ୍ତି ରୋଗୀ। ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ପୋଲିସ, ଜିଲା ପ୍ରଶାସନର ପଦସ୍ଥ ଅଧିକାରୀ ହସ୍ତକ୍ଷେପ କରିବା ଯାଏ କଥା ଯାଉଛି। ସମୀକ୍ଷା ବୈଠକରେ ଜିଲାର କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଯେପରି ନିରାଶ ନ ହୋଇ ଫେରନ୍ତି, ସେଥିଲାଗି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଉଛି। ଉନ୍ନତ ରୋଗୀସେବାର ନୀଳନକ୍ସା ପ୍ରଦର୍ଶନ କରାଯାଉଛି। ରିପୋର୍ଟ କାର୍ଡ ଦେଖାଇ ବାହାବା ନେଉଛନ୍ତି ବିଭାଗୀୟ ଅଧିକାରୀ। ହେଲେ ରୋଗୀ ଜୀବନ ସଙ୍କଟରେ ପଡ଼ିଥିବାବେଳେ ଦାୟିତ୍ୱବାନ ହେବା ବଦଳରେ ଅତି ହାଲୁକାରେ ନେଉଛନ୍ତି ଡାକ୍ତର, ଯାହା ରୋଗୀ ମୃତ୍ୟୁର କାରଣ ପାଲଟୁଛି। ବିଶେଷ କରି ଜିଲା ଚିକିତ୍ସାଳୟରେ ବାରମ୍ବାର ଏଭଳି ଅବ୍ୟବସ୍ଥାର ଚିତ୍ର ପଦାକୁ ଆସୁଛି, ଯାହାକୁ ନେଇ ରୋଗୀ, ସମ୍ପର୍କୀୟ ଏବଂ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏହାକୁ ଗୁରୁତ୍ୱର ସହ ନେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଡାକି ଘଟଣା ସମ୍ପର୍କରେ ଆଲୋଚନା କରାଯାଉଛି। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ଶିଶୁ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ

ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳାରୁ ବୁଧବାର ସନ୍ଧ୍ୟାରେ ୧ ମାସ ୬ଦିନର ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ପୁଅକୁ ହରାଇଥିବା ଦମ୍ପତି ଏ ନେଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ବିଷୟରେ ସିଡିଏମ୍‌ଓ କିମ୍ବା ଏଡିଏମ୍‌ଓ (ମେଡିକାଲ)ଙ୍କ ନିକଟରେ ସୂଚନା ନ ଥିବାବେଳେ ଗୁରୁବାର ଗଣମାଧ୍ୟମରେ ପ୍ରକାଶିତ ଏ ସମ୍ପର୍କିତ ଖବରକୁ ବୁଦ୍ଧିଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟୁଇଟ୍ କରିଥିଲେ। ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଦନ୍ତ କରିବାକୁ କହିଛନ୍ତି। ଏଥିଲାଗି ଏକ କମିଟି ଗଠନ କରି ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଏଡିଏମ୍‌ଓ (ମେଡିକାଲ) ଡା. ଜୟକୃଷ୍ଣ ନାୟକ ସୂଚନା ଦେଇଛନ୍ତି।

**ନର୍ସିଂହୋମ୍ ସେବାରେ ଡାକ୍ତର**



"ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖାଲି ୭ମହଲା କୋଠା କରିଦେଲେ କ'ଣ ହେବ, ବିଶେଷଜ୍ଞ ନାହାନ୍ତି। ଯେଉଁ କେତେଜଣ ଡାକ୍ତର ଅଛନ୍ତି ସେମାନେ ନର୍ସିଂହୋମ୍ ସେବାରେ ଲାଗିପଡ଼ିଛନ୍ତି। ଜନସାଧାରଣ ସେବା ନ ପାଇ କଟକ, ଭୁବନେଶ୍ୱର ଯାଉଛନ୍ତି। ଏଭଳି ଅବ୍ୟବସ୍ଥା ପାଇଁ ସରକାର ଦାୟୀ।

-ପଙ୍କଜ କୁମାର ନାୟକ, ସାମାଜିକ କର୍ମୀ

**ଅଚଳ ହୋଇପଡ଼ିଛି ଉପକରଣ**



"ଜିଲା ଚିକିତ୍ସାଳୟ ଉପରେ ଜିଲାବାସୀ ନିର୍ଭର କରୁଥିବାବେଳେ ଉନ୍ନତମାନର ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣ ସବୁ ଅଚଳ ହୋଇପଡ଼ିଛି। ଡାକ୍ତର ଅଭାବ ଏବଂ ଚିକିତ୍ସାରେ ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟୁଛି। ସ୍ୱାସ୍ଥ୍ୟ ଅନୁଷ୍ଠାନ ପ୍ରତି ଲୋକଙ୍କ ଭରସା ରହୁନି। ଏଥିପ୍ରତି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଯତ୍ନବାନ ହେବା ଉଚିତ।

-ବିଶ୍ୱନାଥ ବେହେରା, ମିଲିତବଜାର ପୂଜା କମିଟି ସଭାପତି

**ଶିଶୁ ମୃତ୍ୟୁ ଘଟଣା ଦୁର୍ଭାଗ୍ୟଜନକ**



"ଜିଲା ଚିକିତ୍ସାଳୟରେ ଶିଶୁ ମୃତ୍ୟୁ ଦୁଃଖଦ ଓ ଦୁର୍ଭାଗ୍ୟଜନକ ଘଟଣା। ଦାୟିତ୍ୱରେ ଥିବା ଡାକ୍ତରଙ୍କ ଦାୟିତ୍ୱହୀନତା ନିନ୍ଦନୀୟ। ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀଙ୍କ ବିଶ୍ୱାସ ହରାଇଛି। ଡାକ୍ତର ନ ଥିବାରୁ ଡାକ୍ତରଖାନା ମୃତ୍ୟୁର ଦ୍ୱାର ପାଲଟିବାରେ ଲାଗିଛି। ଶିଶୁ ମୃତ୍ୟୁ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

-ରାଜକିଶୋର ବେହେରା, ମାନବାଧିକାର କର୍ମୀ

# କପିଳାସ ଅଭୟାରଣ୍ୟରେ ଲାଗିବ ୬୦ କ୍ୟାମେରା

**ଢେଙ୍କାନାଳ ଅଫିସ, ୪।୮**

ବାଘଙ୍କ ଗତିବିଧି ଉପରେ ନଜର ରଖିବାକୁ ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟରେ ଲାଗିବ ୬୦ ଟ୍ରାପ୍ କ୍ୟାମେରା। ପ୍ରତି ୨ ବର୍ଗ କିଲୋମିଟର ପରିଧିରେ ଗୋଟିଏ ଲେଖାଏ କ୍ୟାମେରା ଖଞ୍ଜାଯିବ। ପୂର୍ବରୁ ଲାଗିଥିବା କ୍ୟାମେରାର ବିପରୀତ ପାର୍ଶ୍ୱରେ ନୂତନ କ୍ୟାମେରା ଲଗାଯିବ। ଫଳରେ ଉଭୟ ପାର୍ଶ୍ୱରୁ ଜୀବଜନ୍ତୁଙ୍କ ଫଟୋଚିତ୍ର କଏଦ ହୋଇପାରିବ। ତ୍ରୁଟିଶୂନ୍ୟ ବାଘ ଗଣନା ପାଇଁ ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ଏଭଳି ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କପିଳାସ ଅଭୟାରଣ୍ୟରେ କ୍ୟାମେରା ଲାଗିବା ପରେ ପର୍ଯ୍ୟାୟକ୍ରମେ କାମାକ୍ଷାନଗର ଉପଖଣ୍ଡ ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲ ଏବଂ ହିନ୍ଦୋଳ ରେଞ୍ଜର କନ୍ଧରା ସଂରକ୍ଷିତ ଜଙ୍ଗଲରେ ୬୦ ଲେଖାଏ ଟ୍ରାପ୍ କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି। କ୍ୟାମେରା ଲାଗିବା ପରେ ଜିଲାରେ କେତେ ବାଘ ଅଛନ୍ତି, ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ।



**ବାଘ ଗଣନା ପାଇଁ ପ୍ରସ୍ତୁତି**

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ବାଘ ଗଣନା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏକାକାଳୀନ ବାଘର ଉଭୟ ପାର୍ଶ୍ୱର ଫଟୋ ନେବା ନିମନ୍ତେ କପିଳାସ ଅଭୟାରଣ୍ୟରେ ଅତିରିକ୍ତ ୬୦ଟି ଟ୍ରାପ୍ କ୍ୟାମେରା ଲାଗିବ। ଏହାପରେ ଜିଲାର ଅନ୍ୟ ସଂରକ୍ଷିତ ଜଙ୍ଗଲରେ କ୍ୟାମେରା ଲଗାଯିବ। ସମସ୍ତ ତଥ୍ୟ ହସ୍ତଗତ ହେବା ପରେ ସରକାରଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବ।

# ନିୟମିତ ହେଉ ସମ୍ବଲପୁର-ହାଓଡା ଏକ୍ସପ୍ରେସ୍



ଏମ୍‌ପି ମହେଶ ସାହୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୪।୮**

**ରେଳମନ୍ତ୍ରୀ ଅଶ୍ୱିନୀଙ୍କୁ ଭେଟି ଦାବି ଜଣାଇଲେ ମହେଶ**

ଅନୁଗୋଳ-ଢେଙ୍କାନାଳ ଦେଇ ଯାଉଥିବା ସାପ୍ତାହିକ ସମ୍ବଲପୁର-ହାଓଡା ଏକ୍ସପ୍ରେସ୍‌କୁ ନିୟମିତ କରିବା ପାଇଁ ଏମ୍‌ପି ମହେଶ ସାହୁ ଦାବି କରିଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏ ବିଷୟରେ ସେ ଆଲୋଚନା କରିଛନ୍ତି। ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ ଅନୁଗୋଳ, ତାଳଚେର, ଢେଙ୍କାନାଳରେ ବହୁ ଶିଳ୍ପସଂସ୍ଥା ଗଢ଼ିଉଠିଛି। ସମ୍ବଲପୁରରୁ ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଦେଇଯାଉଥିବା ସମ୍ବଲପୁର-ହାଓଡା ଏକ୍ସପ୍ରେସ୍‌କୁ ନିୟମିତ କରାଗଲେ ଲକ୍ଷାଧିକ ଯାତ୍ରୀ ଉପକୃତ ହୋଇପାରିବେ ବୋଲି ଏମ୍‌ପି ଆଶାବ୍ୟକ୍ତ କରିଛନ୍ତି।

ସେହିପରି ଅନୁଗୋଳ, ତାଳଚେରରୁ ଢେଙ୍କାନାଳ, କଟକ ଦେଇ ପାରାଦୀପ ବନ୍ଦର ଅଞ୍ଚଳକୁ ଗୋଟିଏ ବି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ନ କରିବା ଦୁଃଖଦାୟକ ବୋଲି ଏମ୍‌ପି କହିଥିଲେ। ଅନୁରୂପ ଭାବେ ସମ୍ବଲପୁର-ଶାଲିମାର ଟ୍ରେନକୁ ସାପ୍ତାହିକ ପରିବର୍ତ୍ତେ ସପ୍ତାହକୁ ୩ଦିନ, ବିଶାଖାପାଟଣା-ଅମୃତସର ଏକ୍ସପ୍ରେସ ସପ୍ତାହକୁ ୩ଦିନ ପରିବର୍ତ୍ତେ ନିୟମିତ, ଭୁବନେଶ୍ୱର ଲୋକମାନ୍ୟ ତିଳକ ଏକ୍ସପ୍ରେସ୍ ଟ୍ରେନ୍ ମୁମ୍ବାଇକୁ ସପ୍ତାହକୁ ଦୁଇଥର ପରିବର୍ତ୍ତେ ଦୈନିକ, ସପ୍ତାହକୁ ଥରେ ଚାଲୁଥିବା ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ୍‌କୁ ୩ଦିନ, ଭୁବନେଶ୍ୱର-ବାଙ୍ଗାଲୋର ଏକ୍ସପ୍ରେସ୍‌କୁ ୩ଦିନ ଚଳାଚଳ କରାଯିବା ପାଇଁ ଏମ୍‌ପି ଦାବି କରିଛନ୍ତି। ସେହିପରି ଅନୁଗୋଳଠାରେ ପାସେଞ୍ଜର ଟ୍ରେନ୍ ଟର୍ମିନାଲ କରିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ସମ୍ବଲପୁର, ଦେବଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଢେଙ୍କାନାଳ ଜିଲାବାସୀଙ୍କ ସୁବିଧା ପାଇଁ ଭୁବନେଶ୍ୱର-ଚେନ୍ନାଇ ସେଣ୍ଟ୍ରାଲ ଏକ୍ସପ୍ରେସ୍, ଭୁବନେଶ୍ୱର-ପୁଡୁଚେରୀ ଏକ୍ସପ୍ରେସ୍, ଭୁବନେଶ୍ୱର-ରାମେଶ୍ୱରମ୍ ଏକ୍ସପ୍ରେସ, ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍‌କୁ ଭୁବନେଶ୍ୱରରୁ ଅନୁଗୋଳ ଯାଏ ସମ୍ପ୍ରସାରଣ କରିବାକୁ ସେ ନିବେଦନ କରିଛନ୍ତି।

ଅନୁଗୋଳ-ଢେଙ୍କାନାଳ ରେଳପଥ ସମ୍ପର୍କରେ ରେଳମନ୍ତ୍ରୀ ଅବଗତ ଅଛନ୍ତି। ରେଲୱେ ଟ୍ରାଫିକ୍ ସର୍ଭେ ଓ ଆନୁଷଙ୍ଗିକ ବିଭାଗୀୟ ସମୀକ୍ଷା ପରେ ଅନୁଗୋଳରୁ ଢେଙ୍କାନାଳ ଦେଇ ପ୍ରସ୍ତାବିତ ଟ୍ରେନ୍ ଚଳାଚଳ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ରେଳମନ୍ତ୍ରୀ କହିଥିବା ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ମାତୃପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

# ପୁଣ୍ୟତିଥିରେ ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୪।୮**

ଢେଙ୍କାନାଳ 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ଗୁରୁବାର ଏମ୍‌ପି ମହେଶ ସାହୁଙ୍କ ଆବାସିକ କାର୍ଯ୍ୟାଳୟରେ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ, ସୁସାହିତ୍ୟିକା ତଥା ମହାନ୍ ଜନନାୟିକା ନନ୍ଦିନୀ ଶତପଥୀଙ୍କ ୧୬ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ ନନ୍ଦିନୀ ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋକ ରଥ, ଏନ୍. ମହମ୍ମଦ, ଏ. ମହମ୍ମଦ, ରାଜେନ୍ଦ୍ର ଦାସ, କୈଳାସ ଚନ୍ଦ୍ର ନାୟକ, ସନ୍ତୋଷ ଦଳେଇ, ଭାଗୀ ସାହୁ, ସୋମନାଥ ଭଞ୍ଜ, ଅଶୋକ ସାହୁ, ଅକ୍ଷୟ ମହାନ୍ତି, ପ୍ରତାପ ଦାସ, ରମେଶ ମାନସିଂ, ଅଶୋକ ବେହେରା, ବୁଲୁ ଜେନା, ଅନିଲ ରାଉତଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ନନ୍ଦିନୀ ଦେବୀଙ୍କ ପୁଣ୍ୟତିଥି ଅବସରରେ 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନର କର୍ମକର୍ତ୍ତାମାନେ।

# ଖେଳପଡ଼ିଆରେ ଘର ନିର୍ମାଣକୁ ବିରୋଧ

**ଢେଙ୍କାନାଳ ଅଫିସ, ୪।୮**

ଢେଙ୍କାନାଳ ପୌରାଞ୍ଚଳ ୭ନଂ. ୱାର୍ଡ ଦଣ୍ଡାସାହି ଅଞ୍ଚଳରେ ଥିବା ଖେଳପଡ଼ିଆରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ପୌରସଂସ୍ଥାର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ୭ନଂ. ୱାର୍ଡ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖେଳପଡ଼ିଆରେ ୧୦ନଂ. ୱାର୍ଡ ଲାଗି ଉଦ୍ଦିଷ୍ଟ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାହିଁକି କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଉକ୍ତ ଖେଳପଡ଼ିଆରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ନ କରିବା ପାଇଁ ସେମାନେ ଦାବି କରିଥିଲେ। ଏହାସତ୍ତ୍ୱେ ପୌର କର୍ତ୍ତୃପକ୍ଷ ଜବରଦସ୍ତ ଘର ନିର୍ମାଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର କୁହନ୍ତି, ଉକ୍ତ ଜାଗା ଖେଳପଡ଼ିଆ ନୁହେଁ। ଜାଗା ଜବରଦଖଲ ହେଉଥିବା ଜଣାପଡ଼ିଛି। ଯେହେତୁ ଅଞ୍ଚଳବାସୀ ପ୍ରତିବାଦ କରୁଛନ୍ତି, ତେଣୁ ଅଙ୍ଗନୱାଡ଼ି ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି।



ଖେଳପଡ଼ିଆରେ ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ବିରୋଧ କରି ଅଞ୍ଚଳବାସୀ ପ୍ରତିବାଦ କରୁଛନ୍ତି।

# ୧୧ରେ ସିଦ୍ଧ ବଳରାମ ଜୀଉଙ୍କ ଜୟନ୍ତୀ

**ଢେଙ୍କାନାଳ ଅଫିସ, ୪।୮**

ଢେଙ୍କାନାଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ସିଦ୍ଧ ବଳରାମ ଜୀଉଙ୍କ ଜନ୍ମପର୍ବ ଆସନ୍ତା ୧୧ ତାରିଖରେ ପାଳିତ ହେବ। ରକ୍ଷାବନ୍ଧନ ତଥା ଗହ୍ମାପୂର୍ଣ୍ଣିମା ଅବସରରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ କରିବା ଲାଗି ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି ଶ୍ରୀଜୀଉଙ୍କ ଜନ୍ମୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ରାଜ ପୁରୋଧା ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ସ୍ଥିରୀକୃତ ନୀତିନିର୍ଘଣ୍ଟ ଅନୁଯାୟୀ, ଶ୍ରୀଜୀଉଙ୍କ ସମସ୍ତ ନିତ୍ୟପୂଜା ପୂର୍ବାହ୍ନ ୯ଟା ମଧ୍ୟରେ ସମ୍ପନ୍ନ ହେବ। ସାଢ଼େ ୯ଟାରେ ବସ୍ତ୍ରଲାଗି, ଅଳଙ୍କାର ବେଶରେ ଠାକୁର ଦର୍ଶନ ଦେବେ। ୧୦ଟାରେ ସ୍ୱନକ୍ଷେତ୍ର, କଳସପୂଜା, ସାଢ଼େ ୧୦ଟା ସୁଦ୍ଧା ମଙ୍ଗଳାର୍ପଣ, ରାଜସେବା ଶେଷ ହେବ। ସ୍ୱନକ୍ଷତ୍ର ପୂଜା ପାଇଁ ନୈବେଦ୍ୟ ଭୋଗ, ଦୀପ ଉତ୍ସର୍ଗ ପୂର୍ବାହ୍ନ ୧୦ଟା ମଧ୍ୟରେ କରାଯିବ। ସେହିପରି ସନ୍ଧ୍ୟା ୬ଟାରେ ଆଳତି, ଭୋଗ, ରାତି ୯ଟାରେ ନିତ୍ୟପୂଜା, ଧୂପ ଶେଷ ହେବା ପରେ ୧୧ଟାରେ ଶ୍ରୀଜୀଉଙ୍କ ପହୁଡ଼ ପଡ଼ିବ। ନୀତିକାନ୍ତି ସମୟରେ କୋଭିଡ୍ ନିୟମାବଳୀ ଅନୁପାଳନ କରାଯିବ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଭଜନ ସମାରୋହ ଅନୁଷ୍ଠିତ ହେବ। ମନ୍ଦିର ରଙ୍ଗ, ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଆଶୁ ଚିକିତ୍ସା ଲାଗି ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ବୈଠକରେ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଜିଲା ଜଗନ୍ନାଥ ଚେତନା ସଙ୍ଗଠନ ସଭାପତି ପ୍ରଦ୍ୟୁମ୍ନ ରଥ, ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ସ୍ୱାସ୍ଥ୍ୟ ବିଭାଗ, ଦେବୋତ୍ତର ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।

**ସାଢ଼େ ୯ଟାରୁ ବେଶ ଦର୍ଶନ, ରାତି ୧୧ଟାରେ ପହୁଡ଼**

## କମେଣ୍ଟ ଅଭିଯୋଗରେ ୨ ଗିରଫ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା ତାଳଚେର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସମ୍ପୃକ୍ତା ନାବାଳିକା ତାଳଚେରର ଏକ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଛନ୍ତି। ସେ ସ୍କୁଲକୁ ଯିବା ଆସିବା ସମୟରେ ୨ ଜଣ ଯୁବକ ତାଙ୍କୁ କମେଣ୍ଟ ମାରୁଥିଲେ। ଅଶ୍ଳୀଳ ମନ୍ତବ୍ୟ ମଧ ଦେଉଥିଲେ। ଏହି ଅଭିଯୋଗ ପାଇବା ପରେ ତାଳଚେର ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ କଙ୍କିଳି ଅଞ୍ଚଳର ମାଛି ପ୍ରଧାନ ଓ ବିନ୍ଦୁ ବିଶ୍ୱାଳଙ୍କୁ ଗିରଫ କରିଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ଚାଷ ଜମିଯାଏ ପାଣି ପହଞ୍ଚୁ ନ ଥିବାରୁ ଆଠମଲ୍ଲିକ ବ୍ଲକ ମାନଜୋର କେନାଲକୁ ସଫେଇ କରୁଛନ୍ତି ଟାଇଁସର ଏବଂ ରୋସୋସିଙ୍ଗା ଗ୍ରାମବାସୀ।

# ବଳପୂର୍ବକ ବିଲ୍ ଆଦାୟ ଅଭିଯୋଗ

## ଦାବିପତ୍ର ଦେଲେ ତାଳଚେରବାସୀ

ତାଳଚେର, ୪।୮ (ନି.ପ୍ର.)

ଟିପିସିଓଡିଏଲ୍‌ର ତାଳଚେର ଅଞ୍ଚଳରେ ଥିବା କର୍ମଚାରୀମାନେ ବାରମ୍ବାର ମନଇଚ୍ଛା ବିଜୁଳି କାଟ ଓ ବଳପୂର୍ବକ ବିଦ୍ୟୁତ୍ ବିଲ୍ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜକିଶୋର ସାହୁ, ସଂଗ୍ରାମ କେଶରୀ କୁଅଁର, ଅଭୟ ପାଣି, ବୀରବର ସାହୁ, ପ୍ରହ୍ଲାଦ ବେହେରା ପ୍ରମୁଖ ଟିପିସିଓଡିଏଲ୍ ମ୍ୟାନେଜର କମର୍ସିଆଲଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସ୍‌ଡିଓ ମନୋଜ କୁମାର ପାଣିଙ୍କୁ ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, କିଛି ମାସ ଧରି ଟିପିସିଓଡିଏଲ୍ ପକ୍ଷରୁ ତାଳଚେର ବ୍ଲକ ଓ ସହରାଞ୍ଚଳରେ ବାରମ୍ବାର ବିଜୁଳି କାଟ କରାଯାଉଛି। ଗ୍ରାହକଙ୍କୁ ମନଇଚ୍ଛା ବିଦ୍ୟୁତ୍ ବିଲ୍ ଧରାଇ ଦିଆଯାଉଛି। ଏ ନେଇ ଅଭିଯୋଗ କଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ଘରେ ପଶି ଧମକଚମକ ଦେଇ ବିଦ୍ୟୁତ୍ ବିଲ୍ ଆଦାୟ କରୁଛନ୍ତି। ଟିପିସିଓଡିଏଲ୍‌ର କର୍ମଚାରୀମାନେ ତାଳଚେର ସବ୍‌ଡିଭିଜନ ଅଞ୍ଚଳରେ ଏକ ପ୍ରକାର ଦାଦାଗିରି କରି ଚାଲିଛନ୍ତି। ଏହାକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। ଏଣୁ ଏଭଳି ପରିସ୍ଥିତି ପ୍ରତି ଧ୍ୟାନ ଦେଇ ବିଶୃଙ୍ଖଳା କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରାଯାଇଛି। ନଚେତ ଜନସାଧାରଣ ଆଇନକୁ ହାତକୁ ନେବେ ଓ ସେଥିପାଇଁ ଟିପିସିଓଡିଏଲ୍‌ର ଉଚ୍ଚପଦସ୍ଥ ଅଧିକାରୀମାନେ ଦାୟୀ ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।


ତାଳଚେର ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### କେନାଲ ସଫେଇ କଲେ ଗ୍ରାମବାସୀ

**ମାଧପୁର, ୪।୮:** ଅଳିଆ ଆବର୍ଜନା ଭର୍ତ୍ତି ହୋଇଥିବାରୁ ଆଠମଲ୍ଲିକ ବ୍ଲକ ମାନଜୋର କେନାଲର ଶେଷ ମୁଣ୍ଡକୁ ପହଞ୍ଚି ପାରୁ ନ ଥିଲା ପାଣି। ଫଳରେ ଚାଷ କାର୍ଯ୍ୟ ପାଇଁ ଚାଷୀକୁଳ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ନେଇ ବହୁବାର ବିଭାଗକୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳୁ ନ ଥିଲା। ଶେଷରେ ଗୁରୁବାର ଟାଇଁସର ଏବଂ ରୋସୋସିଙ୍ଗା ଗ୍ରାମବାସୀ ମକୁନ୍ଦପୁରଠାରୁ ଟାଇଁସର ପର୍ଯ୍ୟନ୍ତ କେନାଲକୁ ସଫେଇ କରିଛନ୍ତି। ଗ୍ରାମବାସୀଙ୍କ ଏପରି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଉଛି।

### ମହାବିଦ୍ୟାଳୟ ପରିଦର୍ଶନ କଲେ ଉପଜିଲାପାଳ

**ଆଠମଲ୍ଲିକ, ୪।୮ (ଡି.ଏନ.ଏ.):** ଆଠମଲ୍ଲିକ ଉପଖଣ୍ଡର ନବନିଯୁକ୍ତ ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତରଣୀ ସୁନା ଗୁରୁବାର ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉପଜିଲାପାଳ କଲେଜ ଅଧକ୍ଷ, ଅଧାପିକା ଅଧାପକ ଓ ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅଧକ୍ଷ ଆଦିତ୍ୟ କୁମାର ସାହୁ ଉପଜିଲାପାଳଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକମାନେ ଉପସ୍ଥିତ ଥିଲେ। ଉପଜିଲାପାଳ ସୁନା ମହାବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରି ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ସହିତ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅଧାପକ ବ୍ରଜଗୋପାଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସହଜ ହେଉନି ସମ୍ପର୍କ


ଟାଇଁସର-ଲୁଣହାଣ୍ଡି ମାଟି ରାସ୍ତା ଉପରେ ଥିବା ନାଳରେ ପାଣି ଭରି ରହିଛି।

ବଇଣ୍ଡା, ୪।୮
(ପରିକ୍ଷିତ ସାହୁ)

- ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇପାରୁନାହାନ୍ତି ୫ ଗ୍ରାମବାସୀ
- ପ୍ରତିବନ୍ଧକ ସୃଷ୍ଟି କରୁଛି ରାସ୍ତାରେ ପଡୁଥିବା ନାଳ
- ବର୍ଷକୁ ୫ ମାସ ପାଣି ରହୁଥିବାରୁ ଯାତାୟାତରେ ଅସୁବିଧା

ପ୍ରଶାସନ ବୁଝୁନି ପଞ୍ଚାୟତର ଗୁରୁତ୍ୱ। ସେଥିପାଇଁ ଦୂରୀଭୂତ ହେଉନି ପାଞ୍ଚଟି ଗାଁର ଦୁଃସ୍ଥିତି। ବଦଳୁନି ଶୋଚନୀୟ ସଡ଼କ ଓ ଏହା ଉପରେ ଥିବା ନାଳର ଭାଗ୍ୟ। ପରିବର୍ତ୍ତନ ଆସୁନି ଏହି ଦୁଇ ପ୍ରମୁଖ ପ୍ରତିବନ୍ଧକରେ। ଏହି କାରଣରୁ ୩ ହଜାର ଲୋକ ହେଉଛନ୍ତି ହୀନିମାନ। ନିଜ ପଞ୍ଚାୟତରେ ଥିବା ହାଇସ୍କୁଲରେ ନ ପଢ଼ି ପଡ଼ୋଶୀ ପଞ୍ଚାୟତକୁ ଯାଉଛନ୍ତି ପିଲା। ମାସିକିଆ ଭତ୍ତା ଆଣିବାକୁ ବୃଦ୍ଧାବୃଦ୍ଧଙ୍କୁ ଭୋଗିବାକୁ ପଡୁଛି ନାନା ହୀନସ୍ତା। ୫ ମାସ କାଳ ନାଳ ପାଣିରେ ପଶି ଯିବାକୁ ପ୍ରସ୍ତୁତ ନୁହନ୍ତି କେହି। ଫଳରେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତ ସହ ସହଜ ହେଉନି ୫ ଗାଁର ସମ୍ପର୍କ।

ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ଲୁଣହାଣ୍ଡି ପଞ୍ଚାୟତରେ ଥିବା ଗାଁଗୁଡ଼ିକ ମଧ୍ୟରୁ ତେଲିନାଳି, ଟାଇଁସର, ରାସୋସିଙ୍ଗା, ଜହ୍ନିମୁଣ୍ଡା ଓ ସିଆରିନାଳି ଗାଁ ଲୋକେ ଦୀର୍ଘବର୍ଷ ହେଲା ଯାତାୟାତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟାଇଁସରଠାରୁ ଲୁଣହାଣ୍ଡି ପର୍ଯ୍ୟନ୍ତ ଯାଇଥିବା ଅଢ଼େଇ କି.ମି. ମାଟି ରାସ୍ତା ଅତି ଶୋଚନୀୟ ହୋଇପଡିଛି। ବିଶେଷକରି ରାସ୍ତା ମଝିରେ ଏକ ନାଳ ବହିଯାଇଥିବା ବେଳେ ବ୍ରିଜ୍ ନିର୍ମାଣ କରାଯାଇ ନାହିଁ। ବର୍ଷକୁ ୫ ମାସ ଏହି ନାଳ ପାଣିରେ ପଶି ଲୋକେ ଯାତାୟାତ କରୁଛନ୍ତି। ଅଧିକ ବର୍ଷା ହେଲେ ଉକ୍ତ ୫ ଗ୍ରାମବାସୀ ପଡ଼ୋଶୀ ମାଧପୁର ପଞ୍ଚାୟତ ଦେଇ ୭ କି.ମି. ବୁଲି ଗାଁକୁ ଆସୁଛନ୍ତି। ସେହିପରି ନାଳ ଉପରେ ପୋଲ ନିର୍ମାଣ ହେଉ ନ ଥିବାରୁ ଏହି ୫ଟି ଗ୍ରାମର ଛାତ୍ରୀଛାତ୍ର ପାଠପଢ଼ିବା ପାଇଁ ମାଧପୁର ହାଇସ୍କୁଲ ଉପରେ ନିର୍ଭର କରୁଛନ୍ତି। ରାଶନକାର୍ଡଧାରୀମାନେ ରାଶନ ଆଣିବାକୁ ମାଧପୁର ଦେଇ ଲୁଣହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବାବେଳେ ମାସିକିଆ ଭତ୍ତା ପାଇଁ ବୃଦ୍ଧାବୃଦ୍ଧମାନେ ମଧ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନାଳରେ ପଶି ଯିବା ସମ୍ଭବ ହେଉ ନ ଥିବାରୁ ବାଧ୍ୟ ହୋଇ ଗାଡ଼ିରେ ଅର୍ଥ ଖର୍ଚ୍ଚ କରି ପଞ୍ଚାୟତ ଅଫିସ ଯାଉଛନ୍ତି ସେମାନେ। ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ନାଳ ଉପରେ ପୋଲ ନିର୍ମାଣ ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ୧୨ ମେ ୨୦୨୦ ଓ ୧୯ ମାର୍ଚ୍ଚ ୨୦୨୧ରେ ଆଠମଲ୍ଲିକ ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ, ଆଠମଲ୍ଲିକ ବିଧାୟକ, ସମ୍ବଲପୁର ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। କେବଳ ନିର୍ବାଚନ ସମୟରେ ରାଜନେତାମାନେ ଯାହା ପ୍ରତିଶ୍ରୁତି ଦେଇଯାଉଛନ୍ତି। ଉକ୍ତ ରାସ୍ତାକୁ ପିଚୁ ସହ ନାଳ ଉପରେ ବ୍ରିଜ୍ ନିର୍ମାଣ ପାଇଁ ଗତ ସୋମବାର ପଞ୍ଚାୟତ ବାସୀଙ୍କ ପକ୍ଷରୁ ଅନୁଗୋଳ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିବା ଅଞ୍ଚଳବାସୀ କହିଛନ୍ତି।

### ପ୍ରଶାସନ ସମାଧାନ କରୁନାହିଁ



“ଦୀର୍ଘବର୍ଷ ହେଲା ଏହି ରାସ୍ତା ଓ ନାଳକୁ ନେଇ ୫ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ସମାଧାନ କରାଯାଉ ନାହିଁ। ଫଳରେ ଭତ୍ତା ଠାରୁ ରାଶନ ଆଣିବା ଯାଏ ସମସ୍ତଙ୍କୁ ହଇରାଣ ହେବାକୁ ପଡୁଛି।

-ଅବଧୂତ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ

### ଠିକ୍ ଭାବେ ମିଳୁନି ଯୋଜନାର ସୁଫଳ



“ରାସ୍ତା ଓ ନାଳ ଉପରେ ବ୍ରିଜ୍ ନିର୍ମାଣ ହେଉ ନ ଥିବାରୁ ସରକାରୀ ଯୋଜନାର ସୁଫଳ ଠିକ୍ ଭାବେ ଏଠାକାର ଲୋକେ ପାଇପାରୁ ନାହାନ୍ତି। ମାଧପୁର ଦେଇ ୭ କି.ମି. ଅଧିକ ବାଟ ଗାଡ଼ିରେ ଯିବାକୁ ପଡୁଥିବାରୁ ସେମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି।

-ବିଶ୍ୱଜିତ ଗାଇଗରିଆ, ତେଲିନାଳି

### ଲୋକପ୍ରତିନିଧିମାନେ ଗୁରୁତ୍ୱ ଦିଅନ୍ତୁ



“ପଞ୍ଚାୟତର ବିକାଶ ପାଇଁ ରାସ୍ତାର ଉନ୍ନତି ଓ ନାଳ ଉପରେ ବ୍ରିଜ୍ ନିର୍ମାଣର ଆବଶ୍ୟକତା ରହିଛି। ସରକାର ତୁରନ୍ତ ଦୃଷ୍ଟି ଦେଇ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରନ୍ତୁ। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ।

-ପ୍ରାଣବନ୍ଧୁ ମେଣ୍ଡୁଲି, ଆଇନଜୀବୀ, ଲୁଣହାଣ୍ଡି

### ବହୁବାର ଅଭିଯୋଗ କରାଯାଇଛି



“ରାସ୍ତା ଓ ବ୍ରିଜ୍ ନିର୍ମାଣ ପାଇଁ ବହୁବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ହେଲେ ଏଯାଏ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ୫ଟି ଗ୍ରାମର ଛାତ୍ରୀଛାତ୍ରଙ୍କୁ ଅନ୍ୟ ପଞ୍ଚାୟତର ହାଇସ୍କୁଲ ଉପରେ ନିର୍ଭର କରିବାକୁ ପଡୁଛି।

-ଅନ୍ତର୍ଯ୍ୟାମୀ ମହାକୁଡ, ପୂର୍ବତନ ସରପଞ୍ଚ

### ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ



“ଗ୍ରାମବାସୀଙ୍କ ଅଭିଯୋଗର ସମୀକ୍ଷା କରିବା ପାଇଁ ଜିଲାପାଳ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କୁ ଉକ୍ତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

-ସନ୍ତୋଷ କୁମାର ସାହୁ, ବିଡିଓ, ଆଠମଲ୍ଲିକ

## ସାପ କାମୁଡ଼ିଲେ ତୁରନ୍ତ ଡାକ୍ତରଖାନା ଯାଅ

ଅନୁଗୋଳ ଅଫିସ, ୪।୮

ସାପକୁ ନେଇ ଥିବା ଅନ୍ଧବିଶ୍ୱାସ ଓ ସଚେତନତା ଅଭାବରୁ ପ୍ରତିବର୍ଷ ଅନୁଗୋଳ ଜିଲାରେ ଅନେକ ଲୋକଙ୍କ ଜୀବନ ସାପ କାମୁଡ଼ାରେ ଯାଉଛି। ତେଣୁ ଜିଲାର ସାପକାମୁଡାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ଜନ ସଚେତନତା ସୃଷ୍ଟି କରାଯାଉଛି। ବୁଧବାର ଟିକରପଡ଼ାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଦସ୍ୟ ତଥା ସର୍ପମିତ୍ର ଆଦିତ୍ୟ ବେହେରା ସାଧନ କର୍ମୀ ଭାବେ ଯୋଗଦେଇ ବିଷଧର ଓ ବିଷହୀନ ସାପ ଚିହ୍ନଟ, ସାପ କାମୁଡିବାର ବିଭିନ୍ନ କାରଣ, ନିରାକରଣ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ସର୍ପ ଦଂଶନ ପରେ ଗୁଣି ଗାରେଡି କି ପୂଜକଙ୍କ ଆଶ୍ରୟ ନ ନେଇ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ଯିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଟିକରପଡା ସରପଞ୍ଚ ସୌମ୍ୟରଞ୍ଜନ ସାହୁ, ଆଶା କର୍ମୀ ମାମିଲତା ସାହୁ, ବନପାଳ ଡିଲେଶ୍ୱର ନାୟକ ଏବଂ ବନ କର୍ମଚାରୀ ଲକ୍ଷ୍ମଣ ମିର୍ଦ୍ଧା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସାଥୀ ପରିବାର ସଦସ୍ୟ ଦିଲୀପ କୁମାର ସାହୁ, ସର୍ପ ଉଦ୍ଧାରକାରୀ ବିଜୁ ଭୋଇ ଓ ପିଣ୍ଟୁ ବେହେରା ପ୍ରମୁଖ କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ।

## ବିଦ୍ୟାଳୟ କର୍ମଚାରୀଙ୍କ ପରଲୋକ

ବଇଣ୍ଡା, ୪।୮ (ଡି.ଏନ.ଏ.)

କିଶୋରନଗର ବ୍ଲକ ଉରୁକୁଲା ରାଧାକୃଷ୍ଣ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରାତ୍ର ଜଗୁଆଳି ବିଜୟ କୁମାର ପ୍ରଧାନଙ୍କ ବୁଧବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କ ପରିବାରକୁ ବିଦ୍ୟାଳୟ ପକ୍ଷରୁ ୫ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ତାଳଚେର, ୪।୮ (ନି.ପ୍ର.)

ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ଦାବିପତ୍ର ସ୍ଥାନୀୟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଦେଢ଼ ମାସ ଭିତରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ କରାଯାଉ। ରାଜ୍ୟ ସରକାର ତାଳଚେର ପ୍ରତି ବୈମାତୃକ ମନୋଭାବ ପରିତ୍ୟାଗ କରି ତାଳଚେରବାସୀଙ୍କ ଦାବିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। କମିଟି ଆବାହକ ପଦ୍ମଚରଣ ସାମଲ, ପୂର୍ବତନ ବ୍ଲକ ଅଧକ୍ଷ ଦିଗାମ୍ବର ଗଡନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ପ୍ରେମାନନ୍ଦ ମହାନ୍ତି, ଗଗନ ଦାସ, ଅଭୟ ପାଣି, ମାନସୀ ସ୍ୱାଇଁ, ସୁକାନ୍ତ ଦାସ, ପରମାନନ୍ଦ ସାହୁ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ନିଲମ ଲାଲ, ମନମୋହନ ନାଏକ, ବିନୋଦ ଲାଲ, ଦେବାର୍ଚ୍ଚନ ନାଏକ, ମଦନ ପାତ୍ର, ସୁରେନ୍ଦ୍ର ଗଡନାୟକ, ଗଣେଶ୍ୱର ଭୋଇ, ଗୋବିନ୍ଦ ନାଏକ, ଟୁନା ନାଏକ, କୈଳାସ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସାତକୋଶିଆକୁ ମିଳୁ ଜାତୀୟ ଉଦ୍ୟାନ ମାନ୍ୟତା

## ରାମସର୍ ସାଇଟ୍‌କୁ ସ୍ୱାଗତ

ଅନୁଗୋଳ ଅଫିସ, ୪।୮

ମହାନଦୀର ସାତକୋଶିଆ ଗଣ୍ଡ ଅନ୍ତର୍ଜାତୀୟ ସ୍ତରରେ ଏକ ପ୍ରାକୃତିକ ଆର୍ଦ୍ରଭୂମି ବା ରାମସର୍ ସାଇଟ୍‌ର ମାନ୍ୟତା ପ୍ରାପ୍ତ ହୋଇଛି। ଗତ ୩ ତାରିଖରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ହୋଇଥିବା ଘୋଷଣାକୁ ବିଭିନ୍ନ ପରିବେଶୀୟ ସଙ୍ଗଠନ ଓ ପ୍ରକୃତିପ୍ରେମୀ ସ୍ୱାଗତ କରିଛନ୍ତି। ପୂର୍ବରୁ ରାଜ୍ୟର ଚିଲିକା ହ୍ରଦ ଓ ଭିତରକନିକା ରାମସର୍ ସାଇଟ୍‌ର ମାନ୍ୟତା ପାଇଥିବା ବେଳେ ସାତକୋଶିଆ ଗଣ୍ଡରେ ପ୍ରବାହିତ ପ୍ରାକୃତିକ ଜଳ ଭଣ୍ଡାରର ଗୁରୁତ୍ୱକୁ ଉପଲବ୍ଧି କରି ଏହାକୁ ଆର୍ଦ୍ରଭୂମିର ମାନ୍ୟତା ଦେବାକୁ ୨୦୧୪ ମସିହାଠାରୁ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଦାବି କରାଯାଇ ଆସୁଥିଲା। ବିଳମ୍ବରେ ହେଲେ ବି ସାତକୋଶିଆ ରାମସର୍ ସାଇଟ୍ ମାନ୍ୟତା ପାଇବା ଅତ୍ୟନ୍ତ ଖୁସିର ଖବର ବୋଲି ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା ପ୍ରକାଶ କରିଛନ୍ତି। ସେହିପରି ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶୀଲ କୁମାର ପ୍ରଧାନ, ବନ୍ୟଜନ୍ତୁପ୍ରେମୀ ସୁବ୍ରତ କୁମାର ପ୍ରଧାନ, ପ୍ରକୃତିପ୍ରେମୀ ବୀରେନ କୁମାର ପ୍ରଧାନ ପ୍ରମୁଖ ଏହାକୁ ସ୍ୱାଗତ କରିବା ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଆଗାମୀ ଦିନରେ ସରକାର ସାତକୋଶିଆକୁ ବିଶ୍ୱ ପ୍ରାକୃତିକ ଐତିହ୍ୟ ସ୍ଥଳ, ଜାତୀୟ ଉଦ୍ୟାନ ଏବଂ ଜୈବ ମଣ୍ଡଳର ମାନ୍ୟତା ଦେବାକୁ ଦାବି କରିଛନ୍ତି।



ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସମ୍ପାଦକ ବେହେରା କହିଛନ୍ତି, ସାତକୋଶିଆ ଗଣ୍ଡରେ ଅତି ବିରଳ ପ୍ରଜାତିର ଘଡିଆଳ, ମଗର କୁମ୍ଭୀର, ବିରଳ କାଠ କଇଁଛ ଓ ପ୍ରାୟ ୮୦ ପ୍ରକାରର ମାଛ ଜାତୀୟ ଜୀବ ଅଛନ୍ତି। ଗଣ୍ଡର ଦୁଇ ପାର୍ଶ୍ୱ ଜଙ୍ଗଲରେ ହାତୀ, ବାଘ ଆଦି ବନ୍ୟଜନ୍ତୁଙ୍କ ସହ ୩୧ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ, ୨୯ ପ୍ରକାର ସରୀସୃପ ଏବଂ ୧୦ ପ୍ରକାରର ଉଭୟଚର ପ୍ରାଣୀ ଅଛନ୍ତି। ପ୍ରତି ବର୍ଷ ଏହି ଜଳ ଭଣ୍ଡାରକୁ ବିଦେଶାଗତ ପକ୍ଷୀ ଆଗମନ କରିଥାନ୍ତି। ପ୍ରାୟ ୪ଶହ ପ୍ରକାର ଜଳଚର ଓ ଜଙ୍ଗଲୀ ପକ୍ଷୀ ଏହି ଅଞ୍ଚଳରେ ଦେଖାଯାଉଥିବାର ବିଭିନ୍ନ ଗବେଷଣା, ଆକଳନରୁ ଜଣାଯାଏ। ପ୍ରାକୃତିକ ସୌନ୍ଦର୍ଯ୍ୟ, ବନ୍ୟଜନ୍ତୁମାନଙ୍କ ପେଣ୍ଠସ୍ଥଳୀ ତଥା ପ୍ରାୟ ୧ ହଜାର ପ୍ରକାରର ଗଛଲତା, ଉଦ୍ଭିଦ, ଘାସ, ଗୁଳ୍ମ ଏହି ଅଞ୍ଚଳକୁ ଜୈବ ବିବିଧତାରେ ପରିପୂର୍ଣ୍ଣ କରିଛି। ରାଜ୍ୟ ସରକାର ୧୯୭୬ ମସିହାରେ ସାତକୋଶିଆକୁ ଅଭୟାରଣ୍ୟ ମାନ୍ୟତା ଦେଇଥିବା ବେଳେ ୧୯୭୫ରେ କୁମ୍ଭୀର ପ୍ରକଳ୍ପ ଓ ୨୦୦୨ରେ ମହାନଦୀ ହସ୍ତୀ ପ୍ରକଳ୍ପ ଭାବେ ଘୋଷଣା କରିଥିଲେ। ୨୦୦୭ ମସିହାରେ ସାତକୋଶିଆକୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ବୋଲି ଘୋଷଣା କରାଯାଇଥିଲା। ତେଣୁ ଆଗାମୀ ଦିନରେ ବିଶ୍ୱ ପ୍ରାକୃତିକ ଐତିହ୍ୟ ସ୍ଥଳ, ଜାତୀୟ ଉଦ୍ୟାନ ଏବଂ ଜୈବ ମଣ୍ଡଳର ମାନ୍ୟତା ଦିଆଗଲେ ଏହି ଅଭୟାରଣ୍ୟ ଦେଶ ବିଦେଶର ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରନ୍ତା ବୋଲି ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସମ୍ପାଦକ ବେହେରା ପ୍ରକାଶ କରିଛନ୍ତି।

